بِسۡمِ اللّٰہِ الرَّحۡمٰنِ الرَّحِیۡمِ

# ୬ ଡ଼ିସେମ୍ବର ୨୦୨୪ ଖୁତ୍‌ବା ଜୁମାର ସାରାଂଶ
## ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

## ସୁଲ୍‌ହା ହୁଦେବିୟାର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱ୍ହଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିରରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିରରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ୱ ଇୟ୍ୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଧୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍‌ୱର ଅ.ବ କହିଲେ; ସୁଲ୍‌ହା ହୁଦେବିୟାର ଘଟଣାଚକ୍ରରେ ଆଜି ଅଧିକ ବ୍ୟାଖ୍ୟା ବର୍ଣ୍ଣନା କରିବି । "ସିରତ୍ ଖାତମୁନ୍ ନବୀଇନ୍"ରେ ହଜରତ ମିର୍ଜା ବଶିର ଅହେମଦ ସାହେବ ଉଲ୍ଲେଖ କରିଛନ୍ତି ଯେ, ଚୁକ୍ତିପତ୍ର ମାନଙ୍କରେ ତ୍ରୁଟିବିଚ୍ୟୁତି ହୋଇ ଯାଇଥାଏ । ଯାହାକି ପରବର୍ତ୍ତୀ ସମୟରେ ଗୁରୁତ୍ୱପୂର୍ଣ୍ଣ ପରିଣାମ ଉଦ୍ଧୃତ ହେବାର କାରଣ ସାବ୍ୟସ୍ତ ହୋଇଥାଏ । ଅତଏବ ସେହି ସନ୍ଧିରେ ମଧ୍ୟ କିଛି ତ୍ରୁଟି ରହିଯାଇଥିଲା । ଉକ୍ତ ଚୁକ୍ତିପତ୍ରରେ ଯଦିଚ ମୁସଲମାନ ପୁରୁଷଙ୍କୁ (ମକ୍କା) ଫେରସ୍ତ କରି ଦେବାର ସ୍ୱଷ୍ଟ ରୂପେ ବର୍ଣ୍ଣିତ ରହିଥିଲା, କିନ୍ତୁ (ସେଥିରେ) ମୁସଲମାନ ମହିଳାମାନଙ୍କ ସମ୍ବନ୍ଧରେ କୌଣସି ଚର୍ଚ୍ଚା ହୋଇ ନଥିଲା ।

ଏବେ ଚୁକ୍ତି ସମ୍ପନ୍ନ ହେବାକୁ ସ୍ୱଳ୍ପ ସମୟ ଅତିବାହିତ ହୋଇଥିବ ଯେ, କିଛି ମୁସଲମାନ ମହିଳାମାନେ ଅମାନ୍ୟକାରୀଙ୍କ ଆଖିରୁ ପ୍ରଚ୍ଛନ୍ନ ରହି ମଦିନାରେ ପହଞ୍ଚିଗଲେ । ସେମାନଙ୍କ ମଧ୍ୟରେ ସର୍ବପ୍ରଥମ ମକ୍କାର ଧନାଢ୍ୟ ମୃତକ ଉକବାଃ ବିନ୍ ଅବି ମଈତ୍‌ର କନ୍ୟା ଉମ୍ମେ କୁଲ୍‌ସୁମ୍ ଥିଲେ । ଯେ ନିଜ ମାତା ଆଡ୍ରୁ ହଜରତ ଉସମାନ୍ ବିନ୍ ଅଫାନ୍ ର.ଅଙ୍କର ଭଗିନୀ ଥିଲେ । ଉମ୍ମେ କୁଲ୍‌ସୁମ୍ ବେଶ ସାହସିକତା ପୂର୍ବକ ସୁଦୂର ପଦଯାତ୍ରା କରି ମଦିନାରେ ପହଞ୍ଚିଗଲେ ଏବଂ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ସେବାରେ ଉପସ୍ଥିତ ହୋଇ ନିଜ ବିଶ୍ୱାସ (ଇସଲାମରେ ଦିକ୍ଷୀତ ହେବାର) ପରିପ୍ରକାଶ କଲେ । ତାଙ୍କ ପଛେପଛେ ତାଙ୍କର ଦୁଇଜଣ ଅମାନ୍ୟକାରୀ ସମ୍ପର୍କୀୟ ଆସି ମଦିନାରେ ପହଞ୍ଚିଗଲେ ଏବଂ ତାହାକୁ ଫେରାଇ ନେବାକୁ ହୁଜୁର ସ.ଅଙ୍କ ସମ୍ମୁଖରେ ଦାବି କଲେ । ସେମାନଙ୍କର କହିବା ଥିଲା ଯେ, ଯଦିଚ ଚୁକ୍ତିନାମାରେ (ଏପରି ମାମଲାରେ) କେବଳ ପୁରୁଷଙ୍କର (ଶବ୍ଦ) ଉଲ୍ଲେଖ ରହିଛି କିନ୍ତୁ ବାସ୍ତବରେ ସର୍ତ୍ତରେ ସମସ୍ତେ ଅର୍ଥାତ ଉଭୟ ପୁରୁଷ ଓ ମହିଳାମାନେ ସାମିଲ ଅଛନ୍ତି । କିନ୍ତୁ ଉମ୍ମେ କୁଲ୍‌ସୁମ୍ ସର୍ତ୍ତର (ଆକ୍ଷରିକ) ଶବ୍ଦ ଏବଂ ଏଥିଯୋଗୁଁ ମଧ୍ୟ କି ମହିଳାମାନେ ଅବଳା ଓ ଦୁର୍ବଳ, ତେଣୁ ମକ୍କା ଫେରି ଯିବାକୁ (ସେ ଆଦୌ) ପ୍ରସ୍ତୁତ ନଥିଲେ ।

ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ ସ.ଅ ସ୍ୱଭାବ ଓ ନ୍ୟାୟ ପୂର୍ବକ ଉମ୍ମେ କୁଲ୍‌ସୁମ୍‌ଙ୍କ ପକ୍ଷରେ ନିଷ୍ପତ୍ତି ଦେଲେ । ସେହି ଦିନମାନଙ୍କରେ ଏହି ଆୟତ ଅବତୀର୍ଣ୍ଣ ହେଲା ଯେ, ଯଦି କୌଣସି ମହିଳା ମକ୍କାରୁ ମଦିନା ଚାଲି ଆସନ୍ତି ତେବେ ତାହାର ଖୁବ୍ ଭଲ ଭାବରେ ପରୀକ୍ଷଣ କରିନିଅ ଏବଂ ଯଦି ସେ ପୁଣ୍ୟବନ୍ତା ଓ ନିଷ୍ପାପର ପ୍ରମାଣିତ ହୁଅନ୍ତି ତେବେ ତାହାଙ୍କୁ କଦାପି (ଅମାନ୍ୟକାରୀଙ୍କ ନିକଟକୁ) ଫେରସ୍ତ କର ନାହିଁ । କିନ୍ତୁ ଯଦି ସେ ବିବାହିତା ନାରୀ ହୋଇଥିବେ ତେବେ ତାଙ୍କର ମହର୍ ତା' ଅମାନ୍ୟକାରୀ ସ୍ୱାମୀକୁ ନିଶ୍ଚିତ ରୂପେ ଦେଇଦିଅ ।

ଚୁକ୍ତିପତ୍ରରେ ଗୋଟିଏ ସର୍ତ୍ତ ଏହା ମଧ୍ୟ ଉଲ୍ଲେଖ ରହିଥିଲା ଯେ, ଯଦି କୌଣସି ମୁସଲମାନ ବ୍ୟକ୍ତି ମକ୍କାରୁ ମଦିନା ଚାଲି ଆସନ୍ତି ତେବେ ତାହାକୁ ମକ୍କା ଫେରାଇ ଦିଆଯିବ । କିନ୍ତୁ ଯଦି କୌଣସି ବ୍ୟକ୍ତି ମଦିନାରୁ

ମକ୍କା ଚାଲିଯାଏ ତେବେ ମକ୍କାବାସୀ ତାହାକୁ ଫେରାଇବା ପାଇଁ ବାଧ୍ୟ ନୁହନ୍ତି । ପ୍ରକାଶ୍ୟରେ ଦେଖିବାକୁ ଗଲେ ଏହି ସର୍ତ୍ତ ଦ୍ୱାରା ମୁସଲମାନମାନଙ୍କ ମର୍ଯ୍ୟାଦା କ୍ଷୁର୍ଣ୍ଣ ହୋଇଥାଏ, କିନ୍ତୁ ବାସ୍ତବରେ ଏପରି ନଥିଲା । ପ୍ରାରମ୍ଭରେ ହିଁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଦର୍ଶାଇ ଦେଇଥିଲେ ଯେ, ହଁ! ଠିକ୍ ଯେଉଁ ବ୍ୟକ୍ତି ମଧ୍ୟ ମଦିନା ଛାଡ଼ି ମୁସଲମାନମାନଙ୍କ ଠାରୁ ପୃଥକ ହୋଇଯିବ ତେବେ ଏପରି କପଟି ଓ ଦୁରାଚାରୀମାନଙ୍କୁ ମଦିନା ଫେରାଇ ଆଣିବାର କୌଣସି ଆବଶ୍ୟକତା ନାହିଁ । ଏବେ ସନ୍ଧି ସ୍ଥାପନ ହେବାକୁ ବେଶି କାଳ ଅତିବାହିତ ହୋଇ ନଥିଲା ଯେ, ଅବୁ ବସିର୍ ଯେ କି ଜଣେ ମକ୍କା ନିବାସୀ ଥିଲେ । ସେ ଇସଲାମ ଧର୍ମର ଦିକ୍ଷା ନେଇ ମଦିନା ଚାଲି ଆସିଲେ । କିନ୍ତୁ ସାକ୍ଷାରିତ ଚୁକ୍ତିପତ୍ର ଅନୁଯାୟୀ ହୁଜୁର[ସ.ଅ] ଅମାନ୍ୟକାରୀଙ୍କ ଦାବି ଅନ୍ତର୍ଗତ ତାଙ୍କୁ ମକ୍କାବାସୀଙ୍କୁ ଫେରସ୍ତ କରିଦେଲେ । ଯେତେବେଳେ ଅମାନ୍ୟକାରୀଙ୍କ ଦଳ ତାଙ୍କୁ ନେଇ ମକ୍କା ଯାଉଥିଲେ, ରାସ୍ତାରେ ହିଁ ସେ ସୁଯୋଗ ପାଇ ଉକ୍ତ ଦଳର ସରଦାରକୁ ନିହତ କରିଦେଲେ ଏବଂ ଅନ୍ୟଜଣେ ଫେରାର ହୋଇ ମଦିନା ଚାଲି ଆସିଲେ । ତାଙ୍କ ପଛେପଛେ ଅବୁ ବସିର୍ ମଧ୍ୟ ମଦିନା ଚାଲି ଆସିଲେ । ସେଠାରେ ପହଞ୍ଚି ଅବୁ ବସିର୍ ମହାଭାଗଙ୍କୁ କହିଲେ; ଆପଣ ମୋତେ ଅମାନ୍ୟକାରୀଙ୍କ ହାତରେ ଅପର୍ଣ କରି ନିଜ ଦାୟିତ୍ୱ ସମ୍ପାଦନ କରିଦେଲେ । କିନ୍ତୁ ପରମେଶ୍ୱର ମୋତେ ସେହି ଅତ୍ୟାଚାରୀମାନଙ୍କ କବଳରୁ ମୁକ୍ତ କରିଦେଲେ । ଏଥିରେ ହଜରତ ମୁହମ୍ମଦ[ସ.ଅ] କହିଲେ; ଏ ବ୍ୟକ୍ତି ତ ଯୁଦ୍ଧର ଅଗ୍ନି ପ୍ରଜ୍ୱଳିତ କରୁଅଛି । ଏଥିରେ ଅବୁ ବସିର୍ ଏକଥା ହୃଦୟଙ୍ଗମ କରି ଯେ, ସନ୍ଧିର ସର୍ତ୍ତାବଳୀ ଯୋଗୁଁ ମକ୍କା ଫେରିଯିବାକୁ ଆଦେଶ ଦେବେ ତେଣୁ ସେ ଲୁଚିଛପି ମଦିନାରୁ ବାହାରିଗଲେ । ଆଉ ଏକ ଭିନ୍ନ ସ୍ଥାନରେ ନିଜର ବାସସ୍ଥାନ ତୋଳିନେଲେ । ଯେତେବେଳେ ମକ୍କାର ଦୁର୍ବଳ ମୁସଲମାନମାନେ ଅବୁ ବସିର୍ଙ୍କ କଥା ଶୁଣିଲେ ଯେ, ସେ ଭିନ୍ନ ସ୍ଥାନରେ ନିଜ ବାସଭବନ ତିଆରୀ କରି ଅବସ୍ଥାନ କରୁଛନ୍ତି ସେତେବେଳେ ସେମାନେ ମଧ୍ୟ ଧୀରେ ଧୀରେ ସେଠାରେ ଏକତ୍ରିତ ହେବା ଆରମ୍ଭ କଲେ । ସେମାନଙ୍କ ମଧ୍ୟରେ ମକ୍କାର ଧନାଢ଼୍ୟ ବ୍ୟକ୍ତି ସୋହେଲ୍ ବିନ୍ ଉମରୋର ପୁତ୍ର ମଧ୍ୟ ସାମିଲ ଥିଲା । ଗୋଟିଏ ବର୍ଣ୍ଣନାନୁଯାୟୀ ସେମାନଙ୍କ ସଂଖ୍ୟା ୭୦ ଥିଲା ଓ ଅନ୍ୟ କେତେକ ବର୍ଣ୍ଣନାରେ ସେମାନଙ୍କ ସଂଖ୍ୟା ୩୦୦ଥିବାର ଦର୍ଶାଯାଇଛି । ଏପରି ଧୀରେ ଧୀରେ ମଦିନା ପରିବର୍ତ୍ତେ ଆଉ ଏକ ମୁସଲମାନ ସାମ୍ରାଜ୍ୟ ଗଢ଼ି ଉଠିଲା । ଯେହେତୁ ଉକ୍ତ ଅଂଚଳ ସିରିୟା ମାର୍ଗରେ ଅବସ୍ଥିତ ଥିଲା ତେଣୁ ଅଧିକାଂଶ ସମୟରେ ସେହି ମୁସଲମାନମାନଙ୍କର ଅମାନ୍ୟକାରୀଙ୍କ ସହିତ ମୁହାଁମୁହିଁ ହୋଇ ଯାଉଥିଲା । ଏହି ନୂତନ ସଂଘର୍ଷରୁ ଅତିଷ୍ଠ ହୋଇ ସ୍ୱୟଂ ଅମାନ୍ୟକାରୀମାନେ ହୁଜୁର [ସ.ଅ]ଙ୍କ ନିକଟରେ ସୁପାରିଶ ପୂର୍ବକ ନିବେଦନ କଲେ ଯେ, ସେହି ମୁସଲମାନମାନଙ୍କୁ ଆପଣ ମଦିନା ଡ଼ାକି ନିଅନ୍ତୁ । ଅତଏବ ଯେତେବେଳେ ହୁଜୁର [ସ.ଅ]ଙ୍କର ପତ୍ର ଅବୁ ଜନ୍ଦଲ୍ ଓ ଅବୁ ବସିର୍ [ର.ଅ]ଙ୍କୁ ପ୍ରାପ୍ତ ହେଲା ସେତେବେଳେ ଅବୁ ବସିର୍ ଭୀଷଣ ବ୍ୟାଧିରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଥିଲେ । ସେ ଅତି ଆଗ୍ରହପୂର୍ଣ୍ଣ ସହକାରେ ହୁଜୁର [ସ.ଅ]ଙ୍କର ପତ୍ରକୁ ସ୍ୱହସ୍ତରେ ଜାବୁଡ଼ି ଧରିଲେ ଏବଂ ସେହି ଅବସ୍ଥାରେ ତାଙ୍କର ନିଧନ ହୋଇଗଲା । ସେଥିଅନ୍ତେ ବାକି ମୁସଲମାନମାନେ ମଦିନା ଚାଲି ଆସିଲେ ।

ଇତିହାସବିତ୍ ନିଜ ଅଭ୍ୟାସ ବଶତଃ (ବିଭିନ୍ନ) ଆପତ୍ତି କରିଥାନ୍ତି । ତେବେ ସେହି ଭିତ୍ତିହୀନ ଆପତ୍ତିଗୁଡ଼ିକ ମଧ୍ୟରୁ ଦୁଇଟି ଧ୍ୟାନ ଯୋଗ୍ୟ ଆପତ୍ତି ସଂକ୍ରାନ୍ତରେ ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] ଚର୍ଚ୍ଚା କରିଛନ୍ତି । ଯେଉଁଥିରେ **ପ୍ରଥମ** ମହିଳାମାନଙ୍କୁ ଫେରସ୍ତ କରିବାର ପ୍ରତିଶୃତି ଭଙ୍ଗ କରିବା । ଆଉ **ଦ୍ୱିତୀୟ** ଅବୁ ଜନ୍ଦଲ୍ ଓ ଅବୁ ବସିର୍ [ର.ଅ]ଙ୍କ ପ୍ରସଙ୍ଗରେ କରାଯାଇଥାଏ ।

ଏହି ଆପତ୍ତିର ଉତ୍ତରରେ ଏକଥା ସ୍ମରଣ ରଖିବା ଉଚିତ୍ ଯେ, ପ୍ରଥମତଃ ଉକ୍ତ ସନ୍ଧି ମକ୍କାର ଅମାନ୍ୟକାରୀଙ୍କ ସହିତ ହୋଇଥିଲା । ଯେଉଁମାନେ ପ୍ରଥମ ଦିନରୁ ହିଁ ମୁସଲମାନମାନଙ୍କ ବିରୁଦ୍ଧରେ ଅଣ୍ଟା

ଭିତ୍ତି ନେଇଥିଲେ । ପୁନଶ୍ଚ ସ୍ୱୟଂ ମକ୍କାର ଅମାନ୍ୟକାରୀମାନଙ୍କର ସାକ୍ଷ୍ୟ ରହିଛି ଯେ, ହଜରତ ମୁହମ୍ମଦସ.ଅ କଦାପି ଚୁକ୍ତିର ସର୍ତ୍ତ ଭଙ୍ଗ କରି ନାହାନ୍ତି । ସୁତରାଂ ଯେତେବେଳେ ରୋମର ମହାପ୍ରତାପି ସମ୍ରାଟ ହରକଲ୍‌କୁ ମହାଭାଗଙ୍କର ପତ୍ର ହସ୍ତଗତ ହେଲା ସେତେବେଳେ ସେ ଅବୁ ସୁଫିୟାନ୍ ଯେ କି ମକ୍କାର ପ୍ରଧାନ ଥିଲା ଏବଂ ସେଠାରେ ଉପସ୍ଥିତ ଥିଲା ତାହାକୁ ଡ଼କାଇ (ହୁଜୁର ସ.ଅଙ୍କ ପ୍ରସଙ୍ଗରେ) ପ୍ରଶ୍ନ କଲା- **ସେହି ସମୟରେ ଅବୁ ସୁଫିୟାନ୍ ସ୍ୱୟଂ ସାକ୍ଷ୍ୟ ଦେଲା ନା ! ମୁହମ୍ମଦସ.ଅ କଦାପି କୌଣସି ପ୍ରତିଶୃତି ଭଙ୍ଗ କରି ନାହାନ୍ତି ।**

ମୁସଲମାନ ମହିଳାଙ୍କୁ (ମକ୍କା) ଫେରାଇ ଦେବାର ଆପତ୍ତି ସଂକ୍ରାନ୍ତରେ ସହି ବୁଖାରୀରେ ଉଲ୍ଲେଖିତ ଶବ୍ଦର ନକଲ କରି ହଜରତ ମିର୍ଜା ବଶିର ଅହେମଦ ସାହେବର.ଅ ବର୍ଣ୍ଣନା କରନ୍ତି ଯେ, ସେହି ସ୍ପଷ୍ଟ ଓ ସର୍ତ୍ତହୀନ ମୂଳକ ଶବ୍ଦ ରହିଥିବା ସତ୍ତ୍ୱେ ଏହି ଆପତ୍ତି କରିବା କେବଳ ଅନ୍ୟାୟ ପୂର୍ଣ୍ଣତା ନୁହେଁ ବରଂ ଏକ ବିରାଟ ବିଶ୍ୱାସଘାତକତା । ଯଦି ଏହା କୁହାଯାଏ ଯେ, ଇତିହାସର କେତେକ ବର୍ଣ୍ଣନାନୁଯାୟୀ ସନ୍ଧିର ସର୍ତ୍ତବଳୀରେ "ରଜୁଲ୍" ଶବ୍ଦ ନଥିଲା ବରଂ ସାଧାରଣ ଶବ୍ଦ ବ୍ୟବହାର କରାଯାଇଥିଲା । ଯେଉଁଥିରୁ ପୁରୁଷ ଓ ମହିଳା ଉଭୟ ଯଥାର୍ଥ ଥିଲେ । ତେବେ ଏହାର ଉତ୍ତର ଏହିକି ଯେ, **ପ୍ରଥମତଃ** ଦୃଢ଼ ଓ ଅକାଟ୍ୟ ବର୍ଣ୍ଣନା ଯେଉଁଥିରେ "ରଜୁଲ୍" ଶବ୍ଦ ଉଲ୍ଲେଖ ରହିଛି, ତାହାକୁ ହିଁ ପ୍ରାଧାନ୍ୟ ଦିଆଯିବ । **ଦ୍ୱିତୀୟତଃ** ଐତିହାସିକ ବର୍ଣ୍ଣନା ଯେଉଁଥିରେ ଭିନ୍ନ ଭିନ୍ନ ବର୍ଣ୍ଣନା ରହିଛି ତାହା ମଧ୍ୟ ଏହି ବ୍ୟାଖ୍ୟାର ଆବଶ୍ୟକ କରୁଅଛି, ଯାହାକି ଉପରେ ଆଲୋଚନା କରି ଆସିଲି । ଉଦାହରଣ ସ୍ୱରୂପ "ସିରତ୍ ଇବ୍‌ନେ ହିଶାମ୍"ରେ ଯେଉଁ ଶବ୍ଦ ରହିଛି ସେଠାରେ ନିଃସନ୍ଦେହରେ ପୁଲିଙ୍ଗର ଶବ୍ଦ ବ୍ୟବହାର ହୋଇ ନାହିଁ । କିନ୍ତୁ ସମସ୍ତ ଲିଙ୍ଗବାଚକ ଓ ବଚନବାଚକ (ଶବ୍ଦ) ତାହା ହିଁ ଉଲ୍ଲେଖ ରହିଛି ଯାହାକି (ବ୍ୟାକରଣରେ) ପୁଲିଙ୍ଗ ପାଇଁ ବ୍ୟବହାର କରାଯାଇଥାଏ ।

**ଦ୍ୱିତୀୟ ଆପତ୍ତି** ଯାହାକି ଅବୁ ବସିର୍‌ଙ୍କ (ଘଟଣା) ସହିତ ସମ୍ବନ୍ଧିତ, ତାହା ଉପରେ ଅନୁଧ୍ୟାନ କଲେ ମଧ୍ୟ ଜ୍ଞାତ ହୋଇଥାଏ ଯେ, ଉକ୍ତ ଘଟଣାଟି ଭିତ୍ତିହୀନ ଓ ଅମୂଳକ । ନିଶ୍ଚିତ ରୂପେ ନବୀଶ୍ରେଷ୍ଠ ଏହି ସନ୍ଧି କରିଥିଲେ କିନ୍ତୁ ପ୍ରଶ୍ନ ଉଠୁଅଛି ଯେ, କ'ଣ ହୁଜୁରସ.ଅ ତାହାର ଉଲଙ୍ଘନ କରିଥିଲେ ? କଦାପି ନୁହେଁ ! ହୁଜୁରସ.ଅ ତ ସେହି ସର୍ତ୍ତାବଳୀ ପାଳନ କରିବାରେ ଏକ ଅନୁକରଣୀୟ ନମୁନା ଥିଲେ ।

କ୍ଷଣକ ପାଇଁ ଚିନ୍ତା କରନ୍ତୁ ! ଅବୁ ବସିର୍ ଇସଲାମ୍‌ର ସତ୍ୟତାକୁ ଚିହ୍ନି ମକ୍କାରୁ ପଳାୟନ କଲେ ଓ ଲୁଚିଛପି ମଦିନାରେ ପହଞ୍ଚି ଯାଇଥିଲେ । ଆଉ ତାଙ୍କ ଅତ୍ୟାଚାରୀ ସମ୍ପର୍କୀୟ ତାଙ୍କ ପଛେପଛେ ସେଠାରେ ପହଞ୍ଚି ଗଲେ ଏବଂ ତାଙ୍କୁ ବଳପୂର୍ବକ ଫେରାଇ ନେବାକୁ ଚାହୁଁଥିଲେ । ଉଭୟଦଳ ହୁଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ଅବୁ ବସିର୍ କୋହଭରା ସ୍ୱରରେ ହଜରତ ମୁହମ୍ମଦ ସ.ଅଙ୍କୁ କହିଲେ; ହେ ଅଲ୍ଲାଃଙ୍କ ରସୁଲସ.ଅ ! ପରମେଶ୍ୱର ମୋତେ ଇସଲାମ୍ ରୂପକ ବିଶେଷ ଅନୁଗ୍ରହ (ପୁରସ୍କାର) ପ୍ରଦାନ କଲେ ଏବଂ ପ୍ରଭୁଙ୍କ କୃପାଶିଷ ଫଳରେ ମୁଁ ମୁସଲମାନ ହୋଇ ଏଠାକୁ ଚାଲି ଆସିଛି, ଏବେ ମକ୍କା ଫେରିଲେ ମୋତେ ଦୁଃଖକଷ୍ଟ ଭୋଗ କରିବା ବ୍ୟତୀତ ଅନ୍ୟ କିଛି ମିଳିବ ନାହିଁ । ତାହା ଆପଣସ.ଅ ମଧ୍ୟ ଭଲ ଭାବରେ ଜାଣନ୍ତି, ପ୍ରଭୁଙ୍କ ସକାଶେ ମୋତେ (ମକ୍କା) ପଠାଇ ଦିଅନ୍ତୁ ନାହିଁ । ଅପରପାର୍ଶ୍ୱରେ ଅବୁ ବସିର୍‌ଙ୍କ ସମ୍ପର୍କୀୟମାନେ ସନ୍ଧିପତ୍ରର ଦ୍ୱାହି ଦେଉଥିଲେ, ଏହି ବିଷୟକୁ କେନ୍ଦ୍ର କରି ରସୁଲୁଲ୍ଲାଃସ.ଅ ସ୍ୱୟଂ ମଧ୍ୟ ଅତ୍ୟନ୍ତ ମର୍ମାହତ ଥିଲେ । **କିନ୍ତୁ ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ମଧ୍ୟ ମହାଭାଗ ଅମାନତ୍ ଓ ବିଶ୍ୱସ୍ତତାର ପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିଲେ ।**

ହଜରତ ମୁହମ୍ମଦସ.ଅ କହିଲେ; ହେ ଅବୁ ବସିର୍ ! ତୁମେ ଜାଣ ଯେ, ଆମେ ଏହି ଲୋକମାନଙ୍କ ସହିତ ଚୁକ୍ତି ସାକ୍ଷର କରି ସାରିଛୁ ଏବଂ ଆମ ଧର୍ମରେ ପ୍ରତିଜ୍ଞା ଭଙ୍ଗ କରିବାକୁ ନିଷିଦ୍ଧ କରାଯାଇଛି । ସୁତରାଂ ! ତୁମେ ସେହି ଲୋକମାନଙ୍କ ସହିତ ଚାଲିଯାଅ ଏବଂ ଯଦି ତୁମେ ଧୈର୍ଯ୍ୟରକ୍ଷା କରି ଇସଲାମରେ ପ୍ରତିଷ୍ଠିତ ରୁହ ତେବେ

ପରମେଶ୍ୱର ତୁମ ପାଇଁ ଓ ତୁମ ପରି ଅତ୍ୟାଚାରିତମାନଙ୍କ ପାଇଁ ମୁକ୍ତିର ପଥ (ନିଶ୍ଚୟ) ଉନ୍ମୁକ୍ତ କରିଦେବେ । ନବୀଶିରୋମଣୀଙ୍କ ଏହି ମହତବାଣୀ ଶୁଣିବା ପରେ ଅବୁ ବସିର୍ (ମକ୍କା) ଫେରିଗଲେ । ତା'ପରେ ଯାହା ଘଟିଥିଲା ଯଦି ଏହି ଆପତ୍ତି କରାଯାଏ କି ମକ୍କାରୁ ପଳାୟନ କରୁଥିବା ବ୍ୟକ୍ତି ତେଣିକି ସେ କୌଣସି ସ୍ଥଳେ ଅବସ୍ଥାନ କରୁ ନା କାହିଁକି, ତାହାକୁ ହୁଜୁର[ସ.ଅ] ମକ୍କା ଫେରାଇ ଦେବା ପାଇଁ ପ୍ରତିଶୃତିବଦ୍ଧ ଥିଲେ ତେବେ (ଜାଣି ରଖିବା ଉଚିତ୍ ଯେ) ଚୁକ୍ତିପତ୍ରରେ ଏପରି କୌଣସି ସର୍ତ୍ତ ଉଲ୍ଲେଖ ନଥିଲା । ମଦିନାର ପ୍ରଶାସନିକ ପରିସରରୁ ବାହାରେ ରହୁଥିବା ଲୋକମାନଙ୍କୁ ମକ୍କାବାସୀଙ୍କୁ ଫେରାଇବାର ଦାୟିତ୍ୱ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କ ଉପରେ ନ୍ୟସ୍ତ କରିବା ବୁଦ୍ଧି ବିବେକ ବିର୍ହିଭୂତ ବିଷୟ । ଏହି ସର୍ତ୍ତ ଅମାନ୍ୟକାରୀ ମକ୍କାବାସୀ ସ୍ୱୟଂ ଗଢ଼ି ନେଇଥିଲେ ଏବଂ ଯେଉଁ କଣ୍ଟକୀୟ ଚାରା ସେ ରୋପଣ କରିଥିଲେ ତାହାର ସେମାନେ ସ୍ୱୟଂ ଶିକାର ହେଲେ । ନିଃସନ୍ଦେହରେ ସେହି ଲୋକମାନେ ଅବୁ ବସିର୍ [ର.ଅ]ଙ୍କ ସହିତ ସେହି ଅଂଚଳରେ ଏକତ୍ର (ବାସ) କରୁଥିଲେ ଏବଂ ଧାର୍ମିକ ଦୃଷ୍ଟି କୋଣରୁ (ସେମାନେ) ମୁସଲମାନ ଥିଲେ । କିନ୍ତୁ ସାଂସାରିକ, ପ୍ରଶାସନିକ ଓ ରାଜନୈତିକ ତଥା ନିୟମ ଦୃଷ୍ଟିରୁ ଆପଣ [ସ.ଅ]ଙ୍କର ତାଙ୍କ ଉପରେ କୌଣସି ଅଧିକାର ନଥିଲା । ତେବେ ଏହି ସର୍ତ୍ତ ଯେ, ସେହି ଲୋକମାନେ ପ୍ରଶାସନିକ ଦୃଷ୍ଟି କୋଣରୁ ନବୀଶ୍ରେଷ୍ଠ [ସ.ଅ]ଙ୍କର ଅଧୀନ ଥିଲେ, ଏହା ଅମାନ୍ୟକାରୀମାନେ ନିଜ ଆଡୁ ସ୍ଥିର କରି ନେଇଥିଲେ । ଯେତେବେଳେ ଅମାନ୍ୟକାରୀମାନେ ସ୍ୱୟଂ ସେହି ନିରୀହ ମୁସଲମାନମାନଙ୍କୁ ହୁଜୁର [ସ.ଅ]ଙ୍କ ଶାସନ ପରିସର ମଧ୍ୟରୁ ବିତାଡ଼ିତ କରିଦେଲେ ତେବେ ହଜରତ ମୁହମ୍ମଦ [ସ.ଅ]ଙ୍କ ଉପରେ ଏପରି ଆପତ୍ତି କିପରି ବା ବଢ଼ା ଯାଇପାରିବ । ବାସ୍ତବରେ ଏହା ଅମାନ୍ୟକାରୀ ମକ୍କାବାସୀଙ୍କର ଷଡ଼ଯନ୍ତ୍ର ଥିଲା, ଯାହାକି ସେମାନଙ୍କ ଉପରକୁ ଓଲଟି ପଡ଼ିଲା । ଆଉ ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ [ସ.ଅ]ଙ୍କର ପବିତ୍ରତା ଅକ୍ଷୁର୍ଣ୍ଣ ରହିଲା । ଆପଣ[ସ.ଅ] ସର୍ତ୍ତର ଶବ୍ଦାବଳୀକୁ ଠିକ୍ ଠିକ୍ ପୂରଣ କଲେ ଓ ଅବୁ ବସିର୍ ତଥା ତାଙ୍କ ସାଥିମାନଙ୍କୁ ନିଜ ଶାସନ ପରିସର ମଧ୍ୟରୁ ବାହାରେ ରଖିଲେ । କିନ୍ତୁ ସେହି ଲୋକମାନେ ନ୍ୟାୟ ପରାୟଣ ହେଲେ ନାହିଁ ଏବଂ ଇସଲାମ୍ ଓ ମହାଭାଗଙ୍କ ଉପରେ ବାଜେ ତଥା ଭିତ୍ତିହୀନ ଆପତ୍ତି ବାଢ଼ି ଥିଲେ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] ଖୁତବାର ପରିଶେଷରେ କହିଲେ; ଆଜି ମଧ୍ୟ ନ୍ୟାୟ ଆଚରଣ କରିବାର ଦାବିଦାରମାନେ ସମାନ କଥା ଅର୍ଥାତ ଦ୍ୱିପାକ୍ଷିକ ପନ୍ଥା (ଅବଲମ୍ବନ) କରୁଛନ୍ତି । ସମ୍ପ୍ରତି ଏହା ହିଁ ବିଶ୍ୱରେ ଉପଦ୍ରବ ସୃଷ୍ଟି କରିଚାଲିଛି । ଅଲ୍ଲାଃତାଲା ଆଜି ମଧ୍ୟ ସଂସାରବାସୀ ଓ ବିଶେଷ ଭାବରେ ମୁସଲମାନମାନଙ୍କୁ ଏହି ପ୍ରବଞ୍ଚକଙ୍କ ପ୍ରବଞ୍ଚନାରୁ ରକ୍ଷା କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

6th December 2024

*Translated to Odia by :* Moulavi Anwar Ahmad Khan